ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ମାର୍ଚ୍ଚ, ୨୦୨୨



## କୁନ୍ତରା କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

କୁଚିଣ୍ଡା (ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ମଙ୍ଗଳବାର ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେରଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରୁକ୍ମଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଟିକେଲାଲ ମେହେର , ବର୍ଷା ମୁଦୁଲି ଓ ଲିପ୍ସା ରାନୀ ସାହୁ ଯୋଗଦେଇ ଆତ୍ମ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କଲେଜର ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ଅଞ୍ଜନା କିସାନଙ୍କ ନେତୃତ୍ୱରେ ଶିବିର ୮ଦିନ ଧରି ଚାଲିବ। ଶେଷରେ ଅଧ୍ୟାପିକା ଦୀପିକା ବେହେରା ଧନ୍ୟବାଦ ଦେଇଥିଲେ।

# କାର୍ଡିଆକ୍ କେୟାର ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

**ଖାରସୁଗୁଡ଼ା ସ୍ୱାସ୍ଥ୍ୟସେବାରେ ଉନ୍ନତି ନେଇ ସମୀକ୍ଷା ବୈଠକ**

**ପ୍ରତିଷ୍ଠା ହେବ କ୍ୟାନ୍ସର କେୟାର ହସ୍ପିଟାଲ**

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଝାରସୁଗୁଡ଼ା ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଲେ, ଝାରସୁଗୁଡ଼ାଠାରେ ପ୍ରସ୍ତାବିତ ୧୦୦ ଶଯ୍ୟାବିଶିଷ୍ଟ କାର୍ଡିଆକ୍ କେୟାର ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ପ୍ରତିଷ୍ଠା ହେଉଥିବା ଏହି ହସ୍ପିଟାଲ୍‌ର ବ୍ୟୟ ଅଟକଳ ପ୍ରାୟ ୧୦୯ କୋଟି ଟଙ୍କା ହୋଇଥିବାବେଳେ ମହାନଦୀ କୋଲ୍ ଫିଲ୍ଡର ଆର୍ଥିକ ସହାୟତା ଦେଉଛି। ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଏପ୍ରିଲ ୩୦ ସୁଦ୍ଧା ସରିବ। ବିଦ୍ୟୁତ ଯୋଗାଣ, ଜଳଯୋଗାଣ, ଡ୍ରେନେଜ୍ ଓ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବାହ୍ୟରାସ୍ତା, ଲ୍ୟାଣ୍ଡସ୍କେପ୍ ଡେଭ୍‌ଲପ୍‌ମେଣ୍ଟ କାର୍ଯ୍ୟ ଚାଲୁ ରହିଛି। ଓଡ଼ିଶା ରାଜ୍ୟ ଔଷଧ ନିଗମ ତରଫରୁ କ୍ୟାଥ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ କ୍ରୟ ଆଦେଶ ଦିଆଯାଇଥିବାବେଳେ ଜୁଲାଇ ସୁଦ୍ଧା ଯୋଗାଇ ଦିଆଯିବ। ଅନ୍ୟସବୁ ଆନୁଷଙ୍ଗିକ ମେଡିକାଲ ଯନ୍ତ୍ରପାତି ଓ ଉପକରଣ ଏପ୍ରିଲ ସୁଦ୍ଧା ଯୋଗାଇ ଦିଆଯିବ। ପ୍ରାୟ ୮ ଏକର ଜାଗାରେ ଡାକ୍ତର, କର୍ମଚାରୀଙ୍କ କ୍ୱାଟର ଓ ନର୍ସିଂ ହଷ୍ଟେଲର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ନିର୍ମାଣ କାର୍ଯ୍ୟ ସରିବା ପରେ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବା ପାଇଁ ୬ ମାସ ସମୟ ଲାଗିବ।

ସେହିପରି ଝାରସୁଗୁଡ଼ାଠାରେ ୬ଏକର ଜାଗାରେ ୧୨୦ ଶଯ୍ୟାବିଶିଷ୍ଟ ଏକ କ୍ୟାନସର କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। ପ୍ରାୟ ୧୬୯ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ହସ୍ପିଟାଲ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇଛି। ଏହି ହସ୍ପିଟାଲ୍ ପାଇଁ ଘରୋଇ ପରିଚାଳକଙ୍କ ପକ୍ଷରୁ ସମସ୍ତ ମେଡିକାଲ ଯନ୍ତ୍ରାଂଶ ଓ ଉପକରଣ ସ୍ଥାପିତ ହେବା ସହ ଡାକ୍ତର ଓ କର୍ମଚାରୀ ନିୟୋଜିତ କରାଯିବ। ଅନ୍ୟପକ୍ଷରେ ସରକାରୀ ଓ ଘରୋଇ ସହଭାଗିତାରେ ସ୍ୱଳ୍ପ ଖର୍ଚ୍ଚରେ ରାଜ୍ୟର ଜନସାଧାରଣଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆଫୋର୍ଡେବୁଲ ହେଲ୍‌ଥ କେୟାର ଯୋଜନା କରାଯାଇଛି। ଏଥିପାଇଁ ଝାରସୁଗୁଡ଼ାଠାରେ ପୁରୁଣା ଜିଲା ସଦର ମହକୁମା ହସ୍ପିଟାଲ୍ ପରିସରରେ ୨ ଏକର ଜାଗା ଚିହ୍ନଟ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଡିଏମ୍‌ଇଟି, ଡିଏଚ୍‌ଏସ୍ ଏବଂ ଗୃହନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ ଓ ବିଭାଗୀୟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ରେଳ ଧାରଣାରେ କଟି ଯୁବକ ମୃତ

ବ୍ରଜରାଜନଗର,୨୯।୩(ଡି.ଏନ.ଏ.): ମଙ୍ଗଳବାର ସକାଳେ ବ୍ରଜରାଜନଗର ରେଳ ଷ୍ଟେଶନର ୩ନଂ ପ୍ଲାଟଫର୍ମରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଘଟଣାସ୍ଥଳରେ ଜିଆର୍‌ପି ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

### ଚାକିରି ଠକେଇ: ଫେରାର ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା ଅଫିସ,୨୯।୩: ଚାକିରି ଠକେଇ ଅଭିଯୋଗରେ ଫେରାର୍ ଅଭିଯୁକ୍ତଙ୍କୁ ବଡମାଲ ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଦର ଥାନା ଲହଣ୍ଡାବୁଡ ଗ୍ରାମର ବିମଳ ସିଂହ। ଠକେଇର ଶୀକାର ହୋଇଥିବା କାଲୋପତ୍ରା ଗ୍ରାମ ଭିଏସ୍‌ଏସ୍ କଲୋନୀର ସୋହେବ ଉମର ନାମକ ଯୁବକଙ୍କ ଅଭିଯୋଗକୁ ନେଇ ପୋଲିସ ବଡମାଲ ଥାନା କେସ୍ ନଂ୧୯୧/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ବିମଳ ଏନ୍‌ଟିପିସି ଦର୍ଲିପାଲିରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ଚାକିରି କରାଇଦେବାକୁ ସୋହେବଙ୍କ ନିକଟରୁ ୧ଲକ୍ଷ ଟଙ୍କା ଦାବି କରିଥିଲେ। ଏ ବାବଦକୁ ସୋହେବ ୨୦ହଜାର ଟଙ୍କା ଅଗ୍ରିମ ଦେଇଥିଲେ। ପରେ ବିମଳ ତାଙ୍କୁ ଏନ୍‌ଟିପିସି ଦର୍ଲିପାଲିର ନିଯୁକ୍ତିପତ୍ର ଦେଇଥିଲେ। ଏହାକୁ ନେଇ ସୋହେବ ଏନ୍‌ଟିପିସି ଦର୍ଲିପାଲିରେ ଦେଖାଇବା ପରେ ଏହା ନକଲି ବୋଲି ଜଣାପଡିଥିଲା। ସୋହେବ ଠକାମିର ଶିକାର ହୋଇଥିବା ଜାଣିବା ପରେ ବିମଳଙ୍କ ସହ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ପରେ ସେ ଏ ନେଇ ବଡମାଲ ଥାନାରେ ବିମଳଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିମଳଙ୍କୁ ଖୋଜୁଥିବାବେଳେ ସେ ୬ମାସ ହେଲା ଫେରାର ରହିଥିଲେ। ସୋମବାର ସେ ଘରେ ଥିବାବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।



### ହାତୀ ଆକ୍ରମଣରେ ମହିଳା ମୃତ

ରିଆମାଳ, ୨୯।୩ (ଡି.ଏନ.ଏ): ଦେବଗଡ ବନଖଣ୍ଡ ଅଧୀନ ରିଆମାଳ ବନାଞ୍ଚଳର ଉତୁଣିଆ ଘାଟି ନିକଟରେ ହାତୀ ଆକ୍ରମଣରେ ମଙ୍ଗଳବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖଣ୍ଡାଧୁଆଁ ଗ୍ରାମର ପ୍ରମିଳା ପ୍ରଧାନ(୪୦)। ଖବର ପାଇ କୁଣ୍ଢେଇଗୋଲା ସେକ୍ସନ ଫରେଷ୍ଟର କାର୍ତ୍ତିକ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଅଧିକ ତଦନ୍ତ ଚାଲିଛି। ପ୍ରମିଳା ମଙ୍ଗଳବାର ସକାଳେ ପଡୋଶୀମାନଙ୍କ ସହ ଖଣ୍ଡାଧୁଆଁ-ଉତୁଣିଆ ରାସ୍ତା ପାର୍ଶ୍ୱରେ ଥିବା ମହୁଲ ଗଛ ମୂଳରୁ ମହୁଲ ସଂଗ୍ରହ କରିବାକୁ ଯାଇଥିଲେ। ସେ ଉତୁଣିଆ ଘାଟି ଉପରେ ମହୁଲ ସଂଗ୍ରହ କରୁଥିବା ବେଳେ ଏକ ତିନିଟିକିଆ ହାତୀପଲ ସକାଳ ୭ଟା ବେଳେ ସେହି ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ପ୍ରମିଳା ଗୋଟିଏ ହାତୀ ହାବୁଡରେ ପଡିଯିବାରୁ ହାତୀଟି ତାଙ୍କୁ ତଳେ କଚାଡି ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରମିଳାଙ୍କ ମୃତ୍ୟୁ ହୋଇଥିଲା।

### ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଜଣେ ଗିରଫ

ଲହୁଣୀପଡା,୨୯।୩(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବାଙ୍କୀ ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିପୋଷ ପଞ୍ଚାୟତର ଚମ୍ପାଝରଣ ଜପ୍ତି ଜଙ୍ଗଲରେ ନିଆଁ ଲଗାଇ ଦେବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ, ଚମ୍ପାଝରଣ ଜପ୍ତି ଜଙ୍ଗଲରେ ସୋମବାର ସନ୍ଧ୍ୟା ସମୟରେ କରଡା ଗ୍ରାମର ସଞ୍ଜା ମୁଣ୍ଡା(୪୦)ବେନିୟମ ଭାବରେ ନିଆଁ ଲଗାଇ ଦେବା ସମୟରେ ସ୍ଥାନୀୟ ଲୋକେ ଦେଖି ବାଙ୍କୀ ରେଞ୍ଜ କର୍ମଚାରୀମାନଙ୍କୁ ସୂଚନା ଦେଇଥିଲେ । ଫଳରେ ରାଜାମୁଣ୍ଡା ସେକ୍ସନ ଫରେଷ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁ, ବନରକ୍ଷୀ ରତନ କୁମାର ମହାକୁଲ ସ୍କ୍ୱାଡ୍ ସହିତ ଉକ୍ତ ଜଙ୍ଗଲରେ ପହଞ୍ଚି ଥିଲେ । ଏହି ଘଟଣାରେ ସଞ୍ଜାଙ୍କୁ ରାଜାମୁଣ୍ଡାସ୍ଥିତ ବାଙ୍କୀ ବନାଞ୍ଚଳ କାର୍ଯ୍ୟାଳୟ କୁ ଆଣି ପଚରାଉଚରା କରିଥିଲେ । ଖବର ପାଇ ଏସିଏଫ ସଲବିନ୍ଦର ସିଂ ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ବେଆଇନ ଭାବେ ନିଆଁ ଲଗାଇଥିବାରୁ ସଞ୍ଜାଙ୍କୁ ଗିରଫ କରାଯିବା ମାମଲା ରୁଜୁ ହୋଇଛି ।

## ନିଆଁରୁ ବର୍ତ୍ତିଲା ଗାଁ



ନିଆଁ ଲିଭାଇବାରେ ନିୟୋଜିତ ଦମକଳ କେନ୍ଦ୍ର କର୍ମଚାରୀ।

ପଡ଼ିଆବାହାଲ, ୨୯।୩(ଡି.ଏନ.ଏ.)

ଝୁଝୁମୁରା ବ୍ଲକ ପଡିଆବାହାଲ ନିକଟ ପଧାନପାଲି ଗ୍ରାମ ତରା ବିଲମାଳରେ ମଙ୍ଗଳବାର କୌଣସି କାରଣରୁ ନିଆଁ ଲାଗିଥିଲା। ଏହା କ୍ରମଶଃ ଗାଁ ଆଡକୁ ବ୍ୟାପୁଥିବାବେଳେ ଗ୍ରାମବାସୀ ଓ ମାନେଶ୍ୱର ଦକଳବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ଫଳରେ ଗ୍ରାମ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲା। ଫରେଷ୍ଟର ବସନ୍ତ ପ୍ରଧାନ, ବନ କର୍ମଚାରୀ ଅରୁଣ ବେହେରା, ମନୋରଞ୍ଜନ ମହାନନ୍ଦ, ପ୍ରଫୁଲ୍ଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଝାରସୁଗୁଡ଼ାର ୫ ପୋଲିସ ଡିଜିପି ଡିସ୍କ ପୁରସ୍କାର ପାଇଁ ମନୋନୀତ



ଭବାନୀ ଶଙ୍କର ସେଠ୍



ଲୋକନାଥ ଲାମା



ସାବିତ୍ରୀ ବଳ



ସାଗର ପ୍ରସାଦ ଯୋଶୀ



ଶ୍ୟାମ ବାହାଦୁର ରାଣା

ଝାରସୁଗୁଡ଼ା ଅଫିସ,୨୯।୩

ଆସନ୍ତା ୧ତାରିଖରେ ୮୭ତମ ପୋଲିସ ପ୍ରତିଷ୍ଠା ଦିବସରେ ୨୦୨୧-୨୨ ଆର୍ଥିକ ବର୍ଷରେ ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର କେତେଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ଡିଜିପି ଡିସ୍କ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ଝାରସୁଗୁଡ଼ା ଜିଲାର ୫ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଝାରସୁଗୁଡା ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ, ଓଏସ୍‌ଏପି ଦ୍ୱିତୀୟ ବାଟାଲିଅନ ଡେପୁଟି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ୍, ସବ୍‌ଇନ୍ସପେକ୍ଟର (ଆର୍ମଡ୍) ସାଗର ପ୍ରସାଦ ଯୋଶୀ, ହାବିଲଦାର ଶ୍ୟାମ ବାହାଦୁର ରାଣା ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେହିପରି ରାଜ୍ୟର ବେଷ୍ଟ ସୁବେଦାର ଭାବେ ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ବାଟାଲିଅନର ଲୋକନାଥ ଲାମା କ୍ୟାସ୍ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷେ ୨୦୨୧ବର୍ଷ ପାଇଁ ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ବାଟାଲିଅନ ରାଜ୍ୟରେ ବେଷ୍ଟ ବାଟାଲିଅନ ଭାବେ କ୍ୟାସ୍ ଆୱାର୍ଡ ପାଇବା ପାଇଁ ମନୋନୀତ ହୋଇଛି। ଏହି ନାମ ତାଲିକା ଡିଜିପି କାର୍ଯ୍ୟାଳୟରୁ ପ୍ରକାଶ ପାଇବା ପରେ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ବିସ୍ଥାପିତ ନିଜ ମାଟିର ଶରଣାର୍ଥୀ

**ଇଂ. କରୁଣାକର ସୁପକାର ସ୍ମାରକୀ ବକ୍ତୃତା**

ସମ୍ବଲପୁର,୨୯।୩ (ବ୍ୟୁରୋ)

ସେତୁ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଇଂ. କରୁଣାକର ସୁପକାର ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ମୀନକେତନ ପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଫେସର ଗୋଲକ ବିହାରୀ ନାଥ ମୁଖ୍ୟବକ୍ତା ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ବିଶିଷ୍ଟ ଅତିଥି ଥିଲେ। ପ୍ରାରମ୍ଭରେ ଚନ୍ଦ୍ରପ୍ରଭା କର ବେଦମନ୍ତ୍ର ପାଠ କରିଥିଲେ। ବୃହତ ପ୍ରକଳ୍ପ ଦ୍ୱାରା ଦେଶର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି ହୋଇଥାଏ ସତ। କିନ୍ତୁ ଏହା ବହୁ ସଂଖ୍ୟକ ଲୋକଙ୍କୁ ବିସ୍ଥାପିତ କରି ନିଜ ମାଟିରେ ଶରଣାର୍ଥୀର ପରିଚୟ ଦେଇଥାଏ। ଓଡ଼ିଶାରେ ୭୦ ପ୍ରତିଶତ ଲୋକ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଛନ୍ତି। ହୀରାକୁଦ ନଦୀବନ୍ଧ ଯୋଜନାରେ ୨୨୧୪୪ ପରିବାରକୁ ବିସ୍ଥାପିତ କରାଯାଇଛି। ତନ୍ମଧ୍ୟରୁ କିଛି ପରିବାର ବହୁବାର ବିସ୍ଥାପିତ ହେଲେଣି। କିନ୍ତୁ କ୍ଷତିପୂରଣ ପାଇନାହାନ୍ତି। ଦୃଢ଼ ବିଶ୍ୱାସ ସହିତ ଆନ୍ଦୋଳନ କଲେ ବିସ୍ଥାପିତମାନେ ଅବଶ୍ୟ ନ୍ୟାୟ ପାଇପାରିବେ। କିନ୍ତୁ ସେଭଳି ଆନ୍ଦୋଳନର ଅଭାବ ଦେଖାଯାଉଛି ବୋଲି ବକ୍ତାମାନେ କହିଥିଲେ। ସେତୁ ସମ୍ପାଦକ ସୁକାନ୍ତ କୁମାର କର ଅତିଥି ପରିଚୟ ଓ ଯୁଗ୍ମ ସମ୍ପାଦିକା ରୀତାରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପରୀକ୍ଷା ପାଇଁ ଚର୍ଚ୍ଚାର ପ୍ରସ୍ତୁତି ନେଇ ଖବରଦାତା ସମ୍ମିଳନୀ



ସ୍କୁଲ ଅଧ୍ୟକ୍ଷ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୁନ୍ଦରଗଡ,୨୯।୩ (ଡି.ଏନ୍.ଏ.)

କୋଭିଡ -୧୯କୁ ଆଖି ଆଗରେ ରଖି ଗତ୨ ବର୍ଷ ହେଲା ପରୀକ୍ଷାଗୁଡିକ ଅନଲାଇନ୍ ମାଧ୍ୟମରେ କରାଯାଇଥିଲା। ହେଲେ ଚଳିତବର୍ଷ ଛାତ୍ରୀଛାତ୍ର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅଫ୍‌ଲାଇନ ମାଧ୍ୟମରେ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ମଙ୍ଗଳବାର ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ପରୀକ୍ଷା ପାଇଁ ଚର୍ଚ୍ଚାର ପଞ୍ଚମ ସଂସ୍କରଣ ସଂପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ କେ.ଏସ. ପ୍ରକାଶରାଓ ଖବରଦାତା ସମ୍ମିଳନୀରେ ଆସନ୍ତା ଏପ୍ରିଲ ୧ ତାରିଖ ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀସ୍ଥିତ ଟାଉନହଲ ତାଲକୋଟରା ଷ୍ଟାଡିୟମଠାରେ ପ୍ରଧାନମନ୍ତ୍ରୀ ପରୀକ୍ଷା ପାଇଁ ଚର୍ଚ୍ଚା କରିବେ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ସମସ୍ତ ବିଦ୍ୟାର୍ଥୀ, ଅଭିଭାବକ,ଶିକ୍ଷକମାନଙ୍କ ସହିତ ପରୀକ୍ଷା ସଂପର୍କରେ ଚର୍ଚ୍ଚା କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ରାଓ କହିଥିଲେ । ବହୁ ପ୍ରତୀକ୍ଷିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବରେ ପରୀକ୍ଷା ଚାପ ଏବଂ ଆନୁସଙ୍ଗିକ କ୍ଷେତ୍ର ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବେ । ଚଳିତବର୍ଷ ପରୀକ୍ଷା ପାଇଁ ଚର୍ଚ୍ଚା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଏହି କାର୍ଯ୍ୟକ୍ରମ ବିଭିନ୍ନ ଟିଭି ଚ୍ୟାନେଲଗୁଡିକରେ ପ୍ରସାରଣ ବ୍ୟବସ୍ଥା କରାଯାଇଛି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ରାଓ ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

# ନବନିର୍ବାଚିତ ବିଜେଡି କାଉନସିଲରଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ,୨୯।୩ (ଡି.ଏନ୍.ଏ.)

ପୌର ନିର୍ବାଚନରେ ସୁନ୍ଦରଗଡ ପୌର ପରିଷଦକୁ ନିର୍ବାଚିତ ହୋଇଥିବା ବିଜେଡି କାଉନସିଲରମାନଙ୍କୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ଯୋଗେଶ କୁମାର ସିଂ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନବନିର୍ବାଚିତ ୧୧ଜଣ ବିଜେଡି କାଉନସିଲରଙ୍କୁ ଫୁଲତୋଡା ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇ ସୁନ୍ଦରଗଡକୁ କିଭଳି ଅଧିକ ବିକଶିତ କରାଯାଇ ପାରିବ ସେଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପୌରାଧ୍ୟକ୍ଷ ପଦବୀ ବିଜେଡି ହାତ ଛଡା କରିଥିବା ବେଳେ ୧୯ଗୋଟି ୱାର୍ଡରୁ ବିଜେଡିକୁ ୧୧ଟି ମିଳିଥିବା ବେଳେ ୭ଟିରେ ଭାଜପା ଓ ଅନ୍ୟ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରଛନ୍ତି। ଏହି କାର୍ଯ୍ୟକ୍ରମରେ ନବନିର୍ବାଚିତ କାଉନସିଲର ଲଲାଟ ପରିଡା, ବେଣୁଧର ତାଣ୍ଡିଆ, ଅନିଲ ମହାପାତ୍ର, ଚିରସ୍ମିତା ଯୋଶୀ, ହେମନ୍ତ ପାଢୀ, ଦୁଶୀଳା ଦଣ୍ଡସେନା ,ସୁଶୀଳା ନାଗ, ରଜନୀ ରୋହିଦାସ, କୈଳାଶ ତନ୍ତୀ, ଶ୍ୱେତା ଶେଫାଳୀ ମୁଣ୍ଡ,ଏମଡି ଆଜାହାର ହୁସେନ୍ ଥିଲେ । ଏହାଛଡା ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ,ଟାଉନ୍ ସଭାପତି ସୁରେନ୍ଦ୍ର ଭିତ୍ରିଆ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଶାହାବାଜ୍ ହୁସେନ୍, ବିଜୁ ଜନତା ଦଳ ଜିଲା ଆଇନଜୀବୀ ସାମ୍ମୁଖ୍ୟର ଆବାହକ ଅଶୋକ ସ୍ୱାଇଁ, କାର୍ତ୍ତିକ ରକ୍ସା, ସୁନୀଲ ମହାପାତ୍ର, ନିତ୍ୟାନନ୍ଦ ପଟେଲ, ଅନିରୁଦ୍ଧ ସାହୁ, ପରଭେଜ୍ ଖାନ୍ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।



ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ନବନିର୍ବାଚିତ କାଉନସିଲରମାନଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି।

# ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ମେଳା



ନିଯୁକ୍ତିଭିତ୍ତିକ ମେଳାରେ ଯୋଗଦେଇଥିବା ଅତିଥି।

କୁଚିଣ୍ଡା,୨୯।୩(ଡି.ଏନ.ଏ.)

ସ୍ଥାନୀୟ ଟାଉନହଲଠାରେ ମଙ୍ଗଳବାର କୁଚିଣ୍ଡା ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଞ୍ଜନ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିସାନ, ଅଜିତ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ବିରଞ୍ଚି ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ମେଳା ମାଧ୍ୟମରେ ବେକାର ଯୁବତୀଯୁବକ ତାଲିମ ଗ୍ରହଣ କରି ନିଯୁକ୍ତି ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ସାହି ଏକ୍ସପର୍ଟ, ନିୟମ ଓ ଓଏସ୍‌ଏଫ୍ ଆଦି ସଂସ୍ଥା ଯୋଗଦେଇ ପିଲାଙ୍କୁ ବିଭିନ୍ନ ଟ୍ରେଡ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବ୍ଲକର ବିପିଏମ୍ ଟିପେନସନ ବେହେରା ସଭା ପରିଚାଳନା କରିଥିବା ବେଳେ ସୁବାସ ପଣ୍ଡା ଧନ୍ୟବାଦ ଦେଇଥିଲେ। ମେଳାରେ ୧୭ ପଞ୍ଚାୟତର ବେକାର ଯୁବତୀଯୁବକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଏମ୍‌ବିକେ, ସିଆର୍‌ପି ଓ ଏସ୍‌ଏଚ୍‌ଜି ଗ୍ରୁପ ମହିଳା ଯୋଗଦେଇଥିଲେ।

# ମହିଳା ପୋଷ୍ଟ ମାଷ୍ଟର ଗିରଫ

**ଠକେଇ ଅଭିଯୋଗ**

ଦେବଗଡ଼, ୨୯।୩, (ଡି.ଏନ.ଏ)

ଠକେଇ ଅଭିଯୋଗରେ ଦେବଗଡ଼ ଥାନା ଅଧୀନ ବସାଲୋଇ ଡାକଘରେ କାର୍ଯ୍ୟରତ ଜଣେ ମହିଳା ପୋଷ୍ଟ ମାଷ୍ଟରଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁଣ୍ଢେଇଗୋଲା ଥାନା ଅଧୀନ ଚଢେଇମରା ଗ୍ରାମର ରେଣୁବାଳା ନାଏକ। ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ରେଣୁବାଳା ଗତ ୨୦୧୯ ମସିହାରୁ ବସାଲୋଇ ଡାକଘରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ଉକ୍ତ ଗ୍ରାମର ଲକ୍ଷ୍ମୀଧର ସାହୁ, କିରଣବାଳା ସାମଲ, ଗାୟତ୍ରୀ ମହାକୁଳ ଓ ନବୀନ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ କିଛି ଗ୍ରାମବାସୀ ଉକ୍ତ ଡାକଘରେ ଟଙ୍କା ଜମା ରଖିଥିଲେ। ଟଙ୍କା ମ୍ୟାଚ୍ୟୁରିଟି ହେବା ପରେ ଜମାକାରୀ ଟଙ୍କା ଉଠାଣ ପାଇଁ ପୋଷ୍ଟ ଅଫିସକୁ ଆସିଥିବା ବେଳେ ରେଣୁବାଳା ଉକ୍ତ ଟଙ୍କାକୁ ପୁଣିଥରେ ବାନ୍ଧିବାକୁ ପ୍ରବର୍ତ୍ତାଇଥିଲେ। ରେଣୁବାଳାଙ୍କ କଥାରେ ବିଶ୍ୱାସ କରି ସେମାନେ ନିଜ ଟଙ୍କାକୁ ପୁନଃ ଜମା କରିଥିଲେ। ପରେ ଟଙ୍କା ଜମା ହୋଇ ନ ଥିବା ସେମାନେ ଜାଣିବାକୁ ପାଇ ରେଣୁବାଳାଙ୍କୁ ପଚାରିବାରୁ ସେ ପର୍ଯ୍ୟାୟ କ୍ରମେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଡାକ ବିଭାଗ ଅଭିଯୋଗର ବିଭାଗୀୟ ତଦନ୍ତ ଆରମ୍ଭ କରିବା ସହ ରେଣୁବାଳାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲା। ସୋମବାର ପୁଣିଥରେ ରେଣୁବାଳା ବସାଲୋଇ ଡାକଘରକୁ ଯାଇଥିବା ବେଳେ ଜମାକାରୀମାନେ ତାଙ୍କୁ ଅଟକ ରଖି ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ଅଡ଼ି ବସିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରେଣୁବାଳାଙ୍କୁ ଉଦ୍ଧାର କରିବା ସହ ଥାନାକୁ ଆଣି ପଚରାଉଚୁରା କରିଥିଲା। ଜମାକାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କ ନାମରେ ଠକେଇ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ରେଣୁବାଳାଙ୍କ ପାଲଟା ଅଭିଯୋଗ କ୍ରମେ ପୋଲିସ ଜମାକାରୀଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅଧିକ ପ୍ରକଳ୍ପ, ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ

**ଝୁଝୁମୁରା ବ୍ଲକରେ ଜନଶୁଣାଣି**

- ସାମଗ୍ରୀ ବାବଦ ଟଙ୍କା ଦେବାକୁ ଦାବି
- ବନ ବିଭାଗ ଉପରେ ବର୍ଷିଲେ ଅଧିକାରୀ

ସମ୍ବଲପୁର,୨୯।୩ (ବ୍ୟୁରୋ)




ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ସଭା ଗୃହରେ ମଙ୍ଗଳବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ଜନ ଶୁଣାଣି ହୋଇଥିଲା। ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ ଅଧ୍ୟକ୍ଷତା କରିଥିବାବେଳେ ବିଡିଓ ସୁରଜ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ପ୍ରଥମେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ ଆଲୋଚନା ହୋଇଥିଲା। ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ସମସ୍ତଙ୍କ ମତ ନିଆଯାଇଥିଲା। ଉପସ୍ଥିତ ଜନ ପ୍ରତିନିଧି ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପ୍ରକଳ୍ପର ସାମଗ୍ରୀ ଓ ଶ୍ରମିକ ବାବଦକୁ ବକେୟା ଥିବା ଟଙ୍କା ଦେବାକୁ ଦାବି କରିଥିଲେ। ଏହା ଶୀଘ୍ର ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଏହି ଯୋଜାନରେ କିଭଳି ଅଧିକ ପ୍ରକଳ୍ପ ସାମିଲ ସହ ଅଧିକ ଶ୍ରମ ଦିବସ ସୃଷ୍ଟି କରାଯିବ ସେ ନେଇ ଲକ୍ଷ୍ୟ ରଖିବାକୁ ମତ ପ୍ରକାଶ ପାଇଥିଲା।

ରାଜ୍ୟ ସରକାରଙ୍କ ପ୍ରାୟ ସମସ୍ତ ବିଭାଗ ଦ୍ୱାରା ଏହି ଯୋଜନାରେ କାମ କରାଯାଉଛି। ହେଲେ ବନ ବିଭାଗ ପକ୍ଷରୁ ଏହି ଯୋଜନାରେ କରାଯାଉଥିବା କାମ ଠିକ୍ ଭାବେ ହେଉ ନ ଥିବା ନେଇ ଜିଲାସ୍ତରୀୟ ଅଧିକାରୀମାନେ ବର୍ଷିଥିଲେ। ମଷ୍ଟର ରୋଲ ଓ ଅନ୍ୟାନ୍ୟ ବିଲ ଭାଉଚର ଦାଖଲ କରାଯାଉ ନାହିଁ। ଏପରି କି କାମ ନ କରି ଟଙ୍କା ଉଠାଯାଉଥିବା ନେଇ ଅଭିଯୋଗ ହେଉଛି ବୋଲି ଅଧିକାରୀମାନେ କହିଥିଲେ। ଉପସ୍ଥିତ ବନ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ନ ପାରି ସଭା ଅଧାରୁ ଉଠି ଚାଲିଯାଇଥିଲେ। ନବ ନିର୍ବାଚିତ ଜନପ୍ରତିନିଧି ନିଜ ପଞ୍ଚାୟତର ନୂତନ ପ୍ରକଳ୍ପ ଓ ସମସ୍ୟା ଉପରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ଜିଲା ସମାଜିକ ଅଧିକାରୀ ଆର୍ତ୍ତତ୍ରାଣ ଶତପଥି ଉପସ୍ଥିତ ଥିଲେ। ଏପିଓ ବିଶ୍ୱ ରଞ୍ଜନ ପ୍ରଧାନ ଆର୍ଥିକ ବର୍ଷ ୨୦୨୦-୨୧ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ଓ ବ୍ୟୟ ଅଟକଳ ଉପରେ ସୂଚନା ଦେଇଥିଲେ। ଝୁଝୁମୁରା ବ୍ଲକରେ ଗତବର୍ଷ ମୋଟ ୩୨୪୭ ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୬୮୦ ପ୍ରକଳ୍ପ ଶେଷ ହୋଇଥିବା ବେଳେ ଅନ୍ୟ ପ୍ରକଳ୍ପ କାମ ଚାଲିଛି। ୧୨,୨୧୪ ଜବକାର୍ଡଧାରୀ କାମ ପାଇଁ ଆବେଦନ କରିଥିବାବେଳେ ସମସ୍ତଙ୍କୁ କାମ ଦିଆଯାଇଥିଲା। ମୋଟ ୭,୫୯,୪୯୭ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସେ କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ମାର୍ଚ୍ଚ, ୨୦୨୨



**ମାଲପଡ଼ା ପଞ୍ଚାୟତର ପ୍ରଥମ ବୈଠକ**

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ଗ୍ରାମ ପଞ୍ଚାୟତର ପ୍ରଥମ ମାସିକ ବୈଠକ ମଙ୍ଗଳବାର ସରପଞ୍ଚ ଗୋପାଳ ମେହେରଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାନୀୟ ଜଳର ବ୍ୟବସ୍ଥା, ନଳକୂପ ଖନନ, ଆଲୋକୀକରଣ, ପରିମଳ ବ୍ୟବସ୍ଥାରେ ସୁଧାର, ରାସ୍ତାଘାଟ, ବିଭିନ୍ନ ପୋଖରୀର ପଙ୍କୋଦ୍ଧାର, ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ପଞ୍ଚାୟତବାସୀ କିପରି ଉପକୃତ ତାହା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପିଇଓ ତପନ ମେହେର, ନାଏବ ସରପଞ୍ଚ ସୁଶିଳା ବାଇ ଦାସ ଓ ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏପ୍ରିଲ ୧ରେ ପରୀକ୍ଷା ପେ ଚର୍ଚ୍ଚା

ବଲାଙ୍ଗୀର ଅଫିସ,୨୯।୩: ଆସନ୍ତା ଏପ୍ରିଲ ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। ପରୀକ୍ଷା ପେ ଚର୍ଚ୍ଚାର ୫ମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ସହ ବାର୍ତ୍ତାଳାପ କରିବେ। ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାମକୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶିକ୍ଷାମନ୍ତ୍ରାଳୟରୁ ମିଳିଥିବା ନିର୍ଦ୍ଦେଶ ଉପରେ ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନ ତଥା ଛାତ୍ରୀଛାତ୍ରଙ୍କ ପାଇଁ ଚାପମୁକ୍ତ ପରୀକ୍ଷାକୁ ସୁନିଶ୍ଚିତ କରାଯିବ।

### ଟିଟିଲାଗଡ଼ରେ ଡାକ କର୍ମଚାରୀଙ୍କ ଧର୍ମଘଟ

ଟିଟିଲାଗଡ଼,୨୯।୩(ଡିଏନ.ଏ.): ଟ୍ରେଡ଼ ୟୁନିୟନ ଡାକରାକୁ ସମର୍ଥନ ଜଣାଇ ଟିଟିଲାଗଡ ମୁଖ୍ୟ ଡାକ ଘର ତଥା ଅଞ୍ଚଳର ସମସ୍ତ କାର୍ଯ୍ୟାଳୟ ଦୁଇଦିନିଆ ଧର୍ମଘଟରେ ସାମିଲ ହୋଇଥିଲେ। ଏଥିରେ ସମ୍ବଲପୁର ଡାକ ସଂଘ ପୂର୍ବତନ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବଲାଙ୍ଗୀର ଡାକ ମଣ୍ଡଳ ସଭାପତି ଅର୍ଜୁନ କୁମାର ମୁଣ୍ଡା, ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ନାଥ ହଂସଦା, ପୂର୍ବତନ ବଲାଙ୍ଗୀର ପୋଷ୍ଟମ୍ୟାନ ଏବଂ ଏମଟିଏସ ଡାକ ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର ଖମାରି, ବଲାଙ୍ଗୀର ଡାକ ସଂଘର ପୂର୍ବତନ ସଭାପତି ସୀତାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ ଜୟ ବଜରଙ୍ଗବାଲି ଅଟୋ ସଂଘ ସଭାପତି ନିରଞ୍ଜନ ଛତର, ଭାରତୀୟ ଜୀବନ ବୀମା ଟିଟିଲାଗଡ ବ୍ରାଞ୍ଚ ସମ୍ପାଦକ ନବଘନ ତାଣ୍ଡି, ଉପସଭାପତି ରାଧା ରଞ୍ଜନ ସାହୁ, ସଞ୍ଜୀବ କୁମାର ବାଗ ପ୍ରମୁଖ ମୁଖ୍ୟ ଡାକଘର ଆସି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ରୁପ୍ରାରୋଡ,୨୯।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରାକ୍ସି ହାଇସ୍କୁଲଠାରେ ଚକ୍ଷୁ ପରିକ୍ଷଣ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ବୁଢ଼ିପଦର ଏବଂ ଟିଟିଲାଗଡର ଏସ୍‌ସିଡି ଆଇ ହସ୍ପିଟାଲ ମିଳିତ ଆନୁକୁଲ୍ୟରେ ଆୟୋଜିତ ଉକ୍ତ ଶିବିରରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ରାକ୍ସି ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଲା ଏବିଇଓ ସୂର୍ଯ୍ୟଦେବ ବାଗ, ଏସସିଡି ଆଇ ହସ୍ପିଟାଲ ପ୍ରୋଜେକ୍ଟ ଡାଇରେକ୍ଟର ମୋହିତ ମୋହନ ଦାଶ, ଫିଲ୍ଡ କୋର୍ଡିନେଟର ଶୈଳେନ୍ଦ୍ର କୁମାର ନନ୍ଦ, ରାକ୍ସି ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁ, ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସଭାପତି ସଞ୍ଜୟ କୁମାର ଧଙ୍ଗଡାମାଝି, ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡାମାଝି, ବଲବସପୁର ସିଆସିସି ଦାଶ ମାଝି ପ୍ରମୁଖ ଉପସ୍ଥିତ ରହି ଆଖିର ଯତ୍ନ କିପରି ନେବେ ସେ ନେଇ ଆଲୋକପାତ କରିଥିଲେ। ଟିଟିଲାଗଡ଼ ଏସସିଡି ଆଇ ହସ୍ପିଟାଲର ଟେକ୍ନିସିଆନ ଓ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ଓ ରାକ୍ସି ହାଇସ୍କୁଲ ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

### ୧ରେ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ

ନର୍ଲା/ରୁପ୍ରାରୋଡ଼,୨୯।୩(ଡି.ଏନ.ଏ.): ଏପ୍ରିଲ ୧ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀଙ୍କ (ପରୀକ୍ଷା ପେ ଚର୍ଚ୍ଚା) କାର୍ଯ୍ୟକ୍ରମ ହେବ। ଏ ସମ୍ପର୍କରେ ମଙ୍ଗଳବାର କଳାହାଣ୍ଡି ଜିଲା ନର୍ଲା ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷା ଏଲ୍ ମିନା କୁମାରୀ ଖବରଦାତା ସମ୍ମିଳନୀରେ ସମ୍ପୂର୍ଣ୍ଣ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରମାନେ ପରୀକ୍ଷା ପାଇଁ ବିଶେଷ କରି ଚାପରେ ରହୁଛନ୍ତି। ଗତ ଦୁଇ ବର୍ଷ ଧରି କରୋନା ପାଇଁ ବିଦ୍ୟାଳୟ ବନ୍ଦ ଥିଲା ଏବଂ ଛାତ୍ରୀଛାତ୍ର ଅନଲାଇନ କ୍ଲାସ କରୁଥିଲେ। ବର୍ତ୍ତମାନ ପିଲାମାନଙ୍କ ପରୀକ୍ଷା ଅଫଲାଇନରେ ହେବାକୁ ଯାଉଛି, ସେ ସମୟରେ ସେମାନେ ସ୍ୱାଭାବିକ ଭାବେ ଚାପମୁକ୍ତ ହୋଇ କିପରି ପରୀକ୍ଷା ଦେବେ ସେଥିପାଇଁ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ପାଇଁ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ନର୍ଲା ନବୋଦୟ ବିଦ୍ୟାଳୟ କନ୍ଫରେନ୍ସ ହଲରେ ବ୍ୟବସ୍ଥା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଓ ସାଧାରଣ ଲୋକେ ଉପସ୍ଥିତ ରହିବା ପାଇଁ ଅଧକ୍ଷା ପ୍ରକାଶ କରିଥିଲେ।

# ଆଦିମ ଜନଜାତି ମହିଳାପୁରୁଷଙ୍କୁ ବିବାହ ସହାୟତା

ନୂଆପଡ଼ା ଅଫିସ,୨୯।୩



ଚେକ୍ ଗ୍ରହଣ କରି ଜିଲାପାଳ କାର୍ଯ୍ୟାଳୟରୁ ଫେରୁଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବାସ କରୁଥିବା ଆଦିମ ଜନଜାତିମାନଙ୍କ ମଧ୍ୟରେ ୧୮ରୁ ଊର୍ଦ୍ଧ୍ୱ ବୟସରେ ବିବାହ କରିଥିବା ୧୦ ଯୋଡା ମହିଳାପୁରୁଷଙ୍କୁ ବିବାହ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ନନ୍ଦକିଶୋର ତାଣ୍ଡି, ଓପିଲିପି ଓ ସିବିଡିଏ କର୍ମଚାରୀ ପ୍ରମୁଖଙ୍କ ଉପସ୍ଥିତିରେ ୨୦ ହଜାର ଲେଖାଏଁ ଟଙ୍କାର ପ୍ରୋତ୍ସାହନ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି।

ରାଜ୍ୟରେ ବାସ କରୁଥିବା ବିଭିନ୍ନ ଆଦିମ ଜନଜାତିମାନଙ୍କ ମଧ୍ୟରେ ବାଲ୍ୟ ବିବାହ ଭଳି କୁପ୍ରଥା ଚଳି ଆସୁଛି। କେନ୍ଦ୍ର ତଥା ରାଜ୍ୟ ସରକାର ବାଲ୍ୟ ବିବାହ ରୋକିବା ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟରତ ଓଡ଼ିଶା ଜନଜାତି ସଶକ୍ତୀକରଣ ଓ ଜୀବନ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ ଜରିଆରେ ଆଦିମ ଜନଜାତିମାନଙ୍କ ମଧ୍ୟରେ ବାଲ୍ୟ ବିବାହର କୁପରିଣତି ସମ୍ପର୍କରେ ସଚେତନ କରାଇବା, ଉପଯୁକ୍ତ ବୟସରେ ବିବାହ କଲେ ସେହି ପରିବାରକୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବ ବୋଲି ଘୋଷଣା କରାଯାଇଛି। ବିଶେଷ କରି ନୂଆପଡା ଜିଲାରେ ବାସ କରୁଥିବା ଚକୋଟିଆ ଭୁଞ୍ଜିଆ ତଥା ଅନ୍ୟାନ୍ୟ ଜନଜାତିମାନଙ୍କ ମଧ୍ୟରେ ବାଲ୍ୟ ବିବାହ ଚାଲି ଆସୁଥିବା ବେଳେ ବର୍ତ୍ତମାନ ଓଡ଼ିଶା ଜନଜାତି ସଶକ୍ତୀକରଣ ଓ ଜୀବନ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ ଜରିଆରେ

**ସରକାରଙ୍କ ଧାର୍ଯ୍ୟରୁ ଊର୍ଦ୍ଧ୍ୱ ବୟସରେ ବିବାହ**

ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ନୂଆପଡା ଜନଜାତିମାନଙ୍କ ବାଲ୍ୟ ବିବାହ ରୋକିବା କାର୍ଯ୍ୟ କରିଆସୁଛି। ଏହି କ୍ରମରେ ମଙ୍ଗଳବାର ସୁନାବେଡା ଅଭୟାରଣ୍ୟ ଭିତରେ ବାସ କରୁଥିବା ଜାମଗାଁର ମହାନ୍ତି ବାରିକ, ଗଡଭଟାର ଯଶୋବନ୍ତୀ ଛତ୍ରିଆ, ସୁନାବେଡାର ମାହେଶ୍ୱରୀ ବର୍ଗେ, ସନବାହାଲିର ମିଲି ଛତ୍ରିଆ ଓ ଶଲ୍ୟ କୁମାରୀ ଛତ୍ରିଆ, ଜୁନାପାଣିର ଶାବନ ଝାଙ୍କର, ସାଲେପଡାର ମିତାବାଈ ମାଝି, ଛିନମୁଣ୍ଡିର ଧନେଶ୍ୱରୀ ମାଝି ଓ ସେମାନଙ୍କ ସ୍ୱାମୀମାନଙ୍କୁ ସିଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ୨୦ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରିଛନ୍ତି। ଏହିପରି ପ୍ରୋତ୍ସାହନ ରାଶି ଦ୍ୱାରା ବାଲ୍ୟ ବିବାହ ରୋକିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।

# କାର୍ଯ୍ୟକ୍ଷମ ହୋଇନି ବସ୍ ଟର୍ମିନାଲ


ନବ ନିର୍ମିତ ବଲାଙ୍ଗୀର ବସ୍ ଟର୍ମିନାଲ।

ବଲାଙ୍ଗୀର ଅଫିସ,୨୯।୩

୨୦୨୧ ସେପ୍ଟେମ୍ବର ୨୨ତାରିଖରେ ଉଦ୍‌ଘାଟିତ ହୋଇଥିଲା ବଲାଙ୍ଗିର ବସ୍ ଟର୍ମିନାଲ। ଆରଟିଓ ଅଫିସ୍ ରୋଡରେ ନିର୍ମିତ ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲ ଉଦ୍‌ଘାଟିତ ହେବା ଇତିମଧ୍ୟରେ ୬ମାସ ବିତିଗଲାଣି। ହେଲେ ପ୍ରାୟ ସାଢେ ୮ କୋଟି ଟଙ୍କାରେ ନିର୍ମିତ ଏହି ପ୍ରକଳ୍ପ ଲୋକଙ୍କ କାମରେ ଲାଗିପାରି ନାହିଁ। ନୂତନ ବସ୍ ଟର୍ମିନାଲକୁ ନେଇ ଲୋକଙ୍କ ମଧ୍ୟରେ ଏକ ନୂଆ ଆଶା ଉଜ୍ଜିବୀତ ହୋଇଥିଲା। କିନ୍ତୁ ଏହା କାର୍ଯ୍ୟକ୍ଷମ ନହେବା

**ଉଦ୍‌ଘାଟନର ୬ମାସ ବିତିଲା**

ବହୁ ଦିନର ଆଶା ପୁଣି ମଉଳିବାରେ ଲାଗିଛି। ଅନ୍ୟପକ୍ଷରେ ବଲାଙ୍ଗୀର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢି ଚାଲିଥିବା ବେଳେ ସହରବାସୀ ସେଥିରୁ କେବେ ମୁକ୍ତିପାଇବେ ତାହା ବୁଝା ପଡୁନାହିଁ। ଏ ସମ୍ପର୍କରେ ବଲାଙ୍ଗୀର ପରିବହନ ବିଭାଗର ଭାରପ୍ରାପ୍ତ ଡିଟିଏମ୍ ଶାରସ ଦାସଙ୍କୁ ପଚାରିବାରୁ ଆଉ ମାସକ ମଧ୍ୟରେ ଆମ ପାଖରେ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

# ଟ୍ରେଡ୍ ୟୁନିୟନ, ଆଶାକର୍ମୀଙ୍କ ବିକ୍ଷୋଭ

ନୂଆପଡ଼ା ଅଫିସ,୨୯।୩



ଟ୍ରେଡ ୟୁନିୟନ ଓ ଆଶା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅଖିଳ ଭାରତ ଟ୍ରେଡ ୟୁନିୟନ ପକ୍ଷରୁ ଦେଶବ୍ୟାପି ଦିଆଯାଇଥିବା ୨ ଦିନିଆ ବନ୍ଦ ଡାକରାରେ ଜିଲାର କେତେକ ଟ୍ରେଡ ୟୁନିୟନ ସାମିଲ ହୋଇଥିଲେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିନାହିଁ। ଜିଲାରେ ଦୋକାନବଜାର ଖୋଲା ରହିବା ସହିତ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା। ମଙ୍ଗଳବାର ଆନ୍ଦୋଳନରେ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଜିଲା କୃଷକ ସଙ୍ଗଠନ, ଆଦିବାସୀ କଲ୍ୟାଣ ସଂଘ, କେନ୍ଦ୍ର ତଥା ରାଜ୍ୟ ବ୍ୟାଙ୍କ, ବୀମା ସମୂହର ଶତାଧିକ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ୧୨ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ପ୍ରମାନନ୍ଦ ହଂସ, ଗଦାଧର ବେହେରା, ଶ୍ରୀନିବାସ ବେହେରା, ଡିସେମ୍ବର ଠେଲା, ମନଲୋଥ ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାରେ କାର୍ଯ୍ୟରତ ୧୨ ଶହରୁ ଊର୍ଦ୍ଧ୍ୱ ଆଶାକର୍ମୀ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ସୋଭାରାଣୀ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ନିର୍ଦ୍ଦେଶିକା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅବଗତି ନିମନ୍ତେ ଏକ ଦାବିପତ୍ର ପ୍ରେରଣ କରାଯାଇଛି। ବିକ୍ଷୋଭ ସମୟରେ ଆଶା ସଂଘ ଜିଲା ସଭାନେତ୍ରୀ ସରସ୍ୱତୀ ମାଝି, ଉପସଭାନେତ୍ରୀ ଗିତା କୁମ୍ଭାର, ନୂଆପଡା ବ୍ଲକ ସଭାପତି ଗୋପଲକ୍ଷ୍ମୀ ପାଣ୍ଡେ, କୋମନା ବ୍ଲକ ସଭାନେତ୍ରୀ ମିନା ମାଝି, ସ୍ୱର୍ଣ୍ଣଲତା ଶବର, ଚନ୍ଦ୍ରକାନ୍ତି ନାଗ ସମେତ ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ତୁଣ୍ଡଲା,୨୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମକଲିଙ୍ଗ ଗହୀର ରହିଥିବା ବେଳେ ଅଧାପିକା ପୁଷ୍ପାଞ୍ଜଳି ରଣା ଅତିଥି ପରିଚୟ କରିଥିଲେ। ଅଧାପକ ସଞ୍ଜୀବ କୁମାର ପାଣିଗ୍ରାହୀ ଛାତ୍ରୀମାନଙ୍କୁ ନିଜେ କିଭଳି ସମସ୍ତ ପରିସ୍ଥିତିକୁ ମୁକାବିଲା କରିବେ ତାହା ବୁଝାଇଥିଲେ। ଅଧାପକ ବିଭୁଦେନ୍ଦୁ ମହାନ୍ତି, କୁମୁଦ ଚନ୍ଦ୍ର ବାଗ ବକ୍ତବ୍ୟ ପ୍ରଦାନ ପରେ କୁସୁର୍ଲା ଅମର ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀ ଦିବ୍ୟ ଭାରତୀ ମାଝି ଆତ୍ମସୁରକ୍ଷା ତାଲିମ ଦେଇଥିଲେ।

# କୃଷକ ସଚେତନ କାର୍ଯ୍ୟକ୍ରମ

ପଲମ,୨୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭିମକେଲା ପଞ୍ଚାୟତସ୍ଥିତ ଭିମକେଲା ଶିବ ମନ୍ଦିର ପରିସରରେ ଭବାନୀପାଟଣା କେୟାର ଇଣ୍ଡିଆ ପକ୍ଷରୁ ଏକ କୃଷକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେୟାର ଇଣ୍ଡିଆ ସଙ୍ଗଠନ ଅଧିକାରୀ ବିକାଶ ସିଂ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମୀଣ କୃଷି ମୌସମ ସେବା ବୈଷୟିକ ଅଧିକାରୀ ଅଂଶୁମାନ ନାଏକ, ବୈଷୟିକ ଅଧିକାରୀ ବିଭୂତି ଭୂଷଣ ସାହୁ, ଶକ୍ତି କେୟାର ଇଣ୍ଡିଆ ମ୍ୟାନେଜର ଜ୍ୟୋତି ପ୍ରକାଶ ରଥ, ଏଡିଆର ଭବାନୀଶଙ୍କର ନାଏକ ପ୍ରମୁଖ ପୁରୁଷ ଓ ମହିଳା କୃଷକଙ୍କୁ ପାଣିପାଗ ଭିତ୍ତିକ ଫସଲ ପରିଚାଳନାରେ ମୌସମ ଓ ମେଘଦୁତ ମୋବାଇଲ ଆପ୍‌ର ବ୍ୟବହାର ଉପରେ ପ୍ରଦାନ କରିଥିଲେ। ଅଧିକାରୀ ପ୍ୟାରିମୋହନ ପୁରୋହିତ କୃଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ଚାଷୀ ସଭାନେତ୍ରୀ କବିତା ବେହେରା, ସିଆପି ସଙ୍ଗିତା ଭୋଇ, ସିଆପି କେଶବ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଭିଯୋଗ ଶୁଣାଣି, ସମାଧାନ ଶିବିର


ଲୋକମାନେ ନିଜର ଅଭିଯୋଗ ଜଣାଉଛନ୍ତି।

ଲାଞ୍ଜିଗଡ,୨୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଅଭିନବ ପ୍ରୟାସ କ୍ରମରେ ପ୍ରତ୍ୟେକ ମଙ୍ଗଳବାର ବ୍ଲକର ପ୍ରତି ପଞ୍ଚାୟତରେ ସାପ୍ତାହିକ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଆୟୋଜିତ ହେଉଛି। ଏହି କ୍ରମରେ ମଙ୍ଗଳବାର ଲାଞ୍ଜିଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା ଯୋଗଦେଇ ଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପରମେଶ୍ୱର ସେନାପତି, ନାଏକ ସରପଞ୍ଚ ହରି ତାଣ୍ଡି, ରାଜେନ୍ଦ୍ର କୁମାର ମହାଖୁଡ, ସୁବାଷ ଚନ୍ଦ୍ର ଅଗ୍ରୱାଲ, ପରମାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମର ଲୋକେ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇଥିଲେ। ଲୋକଙ୍କ ଅଭିଯୋଗ ଓ ସେଗୁଡିକର ସମାଧାନ ପାଇଁ ଲାଞ୍ଜିଗଡ ସରପଞ୍ଚ ମୁଣ୍ଡା ବ୍ଲକ ପ୍ରଶାସନ ସହିତ ଆଲୋଚନା କରି ଅତିଶୀଘ୍ର ପୂରଣ କରିବା ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିବିରରେ ଲୋକେ ଗୃହ ନିର୍ମାଣ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ପାନୀୟ ଜଳ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଡ୍ରେନ, ରାସ୍ତା ଆଦି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଅଧିକାରୀ କିମ୍ବା କୌଣସି କର୍ମଚାରୀ ଯୋଗଦେଇ ନ ଥିବାରୁ ଏହି ବିଭାଗର ଅନେକ ଅଭିଯୋଗ ବକେୟା ରହିଥିବା ଜଣାପଡିଛି। ସେହିପରି ବ୍ଲକର ଅନ୍ୟ ସମସ୍ତ ପଞ୍ଚାୟତରେ ମଧ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

# ଉଦ୍ଧାର ହେଲେ କଳାହାଣ୍ଡିର ୬୦ ଶ୍ରମିକ

ଭବାନୀପାଟଣା,୨୯।୩(ସ୍ୱ.ପ୍ର.)


ଉଦ୍ଧାର ହୋଇଥିବା ଶ୍ରମିକମାନେ।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକର ୬୦ଜଣ ଶ୍ରମିକ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇ ସେଠାରେ ଫସି ରହିଥିଲେ। ଏହା ଜାଣିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର ପାଇଁ ସୋମବାର ସେଠାକୁ ଯାଇଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ମଙ୍ଗଳବାର ସେମାନେ ନିଜ ଗାଁକୁ ଫେରି ଆସିଛନ୍ତି। ସୂଚନା ଯେ, ଗତ ୫ ମାସ ତଳେ ଧର୍ମଗଡ ବ୍ଲକ କନାଗାଁର ଖଣ୍ଡ ନାଏକ ଓ କୋତମେର ଗ୍ରାମର ଥବିର ନାଏକ ୨ଜଣ ମିଶି ଜୟନ୍ତପୁର ପଞ୍ଚାୟତର ବାରିକପଡା, ପର୍ଲା ପଞ୍ଚାୟତର ନୂଆଁପଡା, ଛଞ୍ଚାଣବାହାଲିର ନାଗପଡା, ଖଲିଆକାନି, ଛତିଶଗଡ଼ର ଝିକରୀପଡା, ଅମେର, ଡର୍ଲିପଡାର ୬୦ଜଣ ଶ୍ରମିକଙ୍କୁ ଇଟାଭାଟିରେ କାମ କରାଇବା ପାଇଁ ତେଲଙ୍ଗାନା ରାଜ୍ୟ ଖମମ ଜିଲାକୁ ନେଇଯାଇଥିଲେ। ସେଠାରେ ନଦମାନେ ୫ ମାସ ହେବ କାମ କରିଥିଲେ ମଧ ପରିଶ୍ରମିକ ମିଳୁ ନ ଥିଲ। ଶ୍ରମିକମାନେ କାମ କରିଥିବା ଟଙ୍କା ମାଗିବାରୁ ସେମାନଙ୍କୁ ମାଡ ମାରୁଥିଲେ। ପାଖରେ ଟଙ୍କା ନ ଥିବାରୁ ଖାଇବା, ପିଇବାର ଅନେକ ଅସୁବିଧା ସମ୍ମୁଖୀନ ହେଉଥିଲେ। ଭୋକ ଶୋଷରେ ପିଲା ଛୁଆକୁ ଧରି ଅତି ଦୟନୀୟ ଅବସ୍ଥାରେ ଜୀବନଜାପନ କରୁଥିଲେ। ତାଙ୍କର ଏହି ଦୁଃଖଦ ଘଟଣା ନେଇ ଜଣେ ଶ୍ରମିକ ଭିଡିଓ ବାର୍ତ୍ତା ଜରିଆରେ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। ପରେ ଏହା ଲୋକ ଲୋଚନକୁ ଆସିଥିଲା।

**ଦାଦନ ଖଟିବାକୁ ଯାଇ ତେଲଙ୍ଗାନାରେ ଫସିଥିଲେ**

# ସ୍କୁଲ ଉନ୍ନତୀକରଣ ନେଇ ଆଲୋଚନା, ସମ୍ବର୍ଦ୍ଧନା ସଭା

କୋକସରା,୨୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ଚିତ୍ରରେଖା ପ୍ରାଥମିକ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ସ୍କୁଲ ଉନ୍ନତିକରଣ ନେଇ ଆଲୋଚନା ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ମୋଟେର ଜୋନ ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଝାରୀ, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ନାଏବ ସରପଞ୍ଚ କାଦମ୍ବିନୀ ଦଳାଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଜନ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲରେ ରହିଥିବା ବିଭିନ୍ନ ସମସ୍ୟା ନେଇ ସ୍କୁଲ ପରିଚାଳନା କମିଟି ସଭାପତି କୃପାସିନ୍ଧୁ ନାଏକ ଦୃଷ୍ଟି ଆକର୍ଷଣ କରିଥିଲେ। ଚିତ୍ରରେଖା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଡାଲିମ୍ବ ନାଏକ, ସାମାଜିକ କର୍ମୀ ପ୍ରଭାକର ବେହେରା, ବରିଷ୍ଠ ନାଗରିକ ନୀଳକଣ୍ଠ ମାଝି, ଗାଁ କଲ୍ୟାଣ ସମିତି ସଭାପତି କିଶୋର ଚନ୍ଦ୍ର ନାଏକ, ଭୁବେନେଶ୍ୱର ନିଆଲ, ମଣିଭଦ୍ର ପଣ୍ଡା, ମାର୍କଣ୍ଡ ବେମାଲଙ୍କ ସମେତ ସ୍କୁଲ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ନୂଆପଡ଼ା ଅଫିସ,୨୯।୩


ନିଆଁରେ ପୋଡ଼ି ଯାଇଥିବା ଘର।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ପଞ୍ଚାୟତ ପୁରୁଣା କଲୋନିପଡାର ଦିବାକର ଦୀପଙ୍କ ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଦିବାକରଙ୍କ ପରିବାର ମଙ୍ଗଳବାର ସକାଳୁ ନିଜ କାର୍ଯ୍ୟରେ ଚାଲିଯାଇଥିଲେ। ପୂର୍ବାହ୍ନରେ ଘରେ କେହି ନ ଥିବା ସମୟରେ ନିଆଁ ଲାଗି ଯାଇଥିଲା। ଘରୁ ଧୂଆଁ ବାହାରି ଦେଖି ଗାଁ ଲୋକେ ନିଆଁ ଲାଗିଥିବା ଜାଣି କୋମନା ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଜଣାଇଥିଲେ। ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ନିଆଁକୁ ଆୟତ କରିଥିଲେ। ଛପର ଘର ହୋଇଥିବାରୁ ଟିଭି, କୁଲର, ପଙ୍ଖା, ରାଶନ ସାମଗ୍ରୀ, ବ୍ୟବହାର୍ଯ୍ୟ କପଡା, ସୁନା ଅଳଙ୍କାର ସମେତ ୩ ବଖରା ଘର ଇତ୍ୟାଦି ମିଶି ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। କେଉଁ କାରଣରୁ ଘରେ ନିଆଁ ଲାଗିଲା ସ୍ପଷ୍ଟ ଜଣାପଡିନାହିଁ। କୋମନା ଅଗ୍ନିଶମ ବିଭାଗର ଗୌତମ କିଷାନ, ସୌମ୍ୟରଞ୍ଜନ ଭୋଇ, ତେଜରାମ ମାଝି, ରୁଶିମଣି ଧରୁଆ, ମୁରଲିଧର ମାଝି, ହେମସାଗର ହାତି ପ୍ରମୁଖ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ।

# ଆଶା, ଗାଁ କଲ୍ୟାଣ ସମିତି ସମାବେଶ

ଭବାନୀପାଟଣା,୨୯।୩(ସ୍ୱ.ପ୍ର.)



ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ବୈଠକରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏସଏନ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚାଇ ଜିଲାରେ ସ୍ୱାସ୍ଥ୍ୟସେବାକୁ ମଜଭୁତ୍ କରିବା ପାଇଁ କହିଥିଲେ। କରୋନା ସମୟରେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଜନସଚେତନା ସୃଷ୍ଟି କରିଥିବାରୁ ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଆହୁରି କ୍ରିୟାଶୀଳ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କସ୍ତୁରୀ ମିଶ୍ର, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ.ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଜିଲା ସୁଚନା ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ମୁଣ୍ଡ, ଜିଲା କାର୍ଯ୍ୟକ୍ରମ ପରିଚାଳକ ଅବନୀ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପରେ ସ୍ୱାସ୍ଥସେବା କ୍ଷେତ୍ରରେ କୃତିତ୍ୱ ଅବଦାନ ପାଇଁ ଆଶା କର୍ମୀ, ଗାଁ କଲ୍ୟାଣ ସମିତି, ସ୍ୱାସ୍ଥ୍ୟ ଉପକେନ୍ଦ୍ର,ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗାଁ କଲ୍ୟାଣ ସମିତିରେ ଲାଞ୍ଜିଗଡ ବ୍ଲକର ଗୋବର୍ଦ୍ଧନ ପଞ୍ଚାୟତକୁ ପ୍ରଥମ ପୁରସ୍କୃତ କରାଯାଇଥିଲା। ସେହିପର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍ତମ ସେବା ପାଇଁ ଜୁନାଗଡ ବ୍ଲକ ଚିଲଗୁଡା ଗ୍ରାମର ଆଶାକର୍ମୀ କ୍ଷମାଶିଳା ଛତ୍ରିଆଙ୍କୁ ଜିଲାସ୍ତରୀୟ 'ସ୍ୱାସ୍ଥ୍ୟ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରବୋଧ କୁମାର ମିଶ୍ର, ହିମାଂଶୁ ଶେଖର ବାରିକ ପରିଚାଳନା କରିଥିଲେ। ଆଶା ଓ ଜିକେଏସ୍ ସଂଯୋଜକ ମିନାକ୍ଷୀ ମହାନ୍ତି, ରୀତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**କୃତିତ୍ୱ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ପୁରସ୍କୃତ**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ମାର୍ଚ୍ଚ, ୨୦୨୨



**ଜାମସେଠରେ ନାମଯଜ୍ଞ ସମ୍ପନ୍ନ**

ପାଇକମାଳ,(ଡି.ଏନ.ଏ): ପାଇକମାଳ ବ୍ଲକ ଜାମସେଠରେ ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ରବିବାର ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ସୋମବାର ନାମାରମ୍ଭ ଓ ହନୁମାନଙ୍କ ପୂଜା ହୋଇଥିଲା। ଶତ୍ରୁଘ୍ନ ସାହୁ ଓ ଜୟନ୍ତୀ ସାହୁ ଯଜ୍ଞ କର୍ତ୍ତା ଏବଂ ମୁଖ୍ୟ ପୂଜକ କିଶୋର ଦାସ, ପୂଜକ ପଞ୍ଚାନନ ମିଶ୍ର, ଦେବରାଜ ପଣ୍ଡା, ରାଜେନ୍ଦ୍ର ତ୍ରିପାଠୀ, ସନ୍ତୋଷ ପାଢ଼ୀ, ଅନନ୍ତ କୁମାର ପାଢ଼ୀ, ପ୍ରତ୍ୟୁଷ ପାଣ୍ଡିଆ ଓ ହୀରା ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଜାମସେଠ, ଛିଦେଇକେଲା, ସିଲେଟପାଣି, କୋକନରା, ଛିନପାଣି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା।

## ସଂକ୍ଷେପରେ

### ରେଳପଥ ପାଇଁ ଆରଡିସିଙ୍କୁ ସ୍ମାରକପତ୍ର



ମଞ୍ଚ କର୍ମକର୍ତ୍ତାମାନେ ଆରଡିସିଙ୍କ ସହିତ ଆଲୋଚନା କରୁଛନ୍ତି।

**ସୋନପୁର,୨୯।୩(ନି.ପ୍ର.):** ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁର ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ଯିବାକୁ ଦାବି ଜୋର ଧରିଛି। ସୋମବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇଙ୍କୁ ସୁବର୍ଣ୍ଣପୁର ଜିଲା ଗସ୍ତ ଅବସରରେ ସର୍କିଟ୍ ହାଉସଠାରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚ ସଭାପତି ସୀତାଂଶୁ ଶେଖର ମିଶ୍ର ଓ ସମ୍ପାଦକ ଗୁଣନିଧି ମେହେରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଆରଡିସିଙ୍କ ସହିତ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜିଲାବାସୀ ରେଳସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଗମନାଗମନ କ୍ଷେତ୍ରରେ ବିଶେଷ ସୁବିଧା ନ ଥିବାରୁ ଏହି ଜିଲାର ଆଶାନୁରୂପ ବିକାଶ ହୋଇପାରୁନି। ତେଣୁ ସମ୍ବଲପୁର-ବ୍ରହ୍ମପୁର ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ କିଭଳି ଯିବ ସେ ନେଇ ମଞ୍ଚର କର୍ମକର୍ତ୍ତା ଆରଡିସିଙ୍କ ସହଯୋଗ ଲୋଡିଥିଲେ। ପୂର୍ବରୁ ମଞ୍ଚ ପକ୍ଷରୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ସଚେତନ ନାଗରିକ ମଞ୍ଚର ବାଙ୍କାନିଧି ରାୟଗୁରୁ, ଭିକାରୀ ପୃଷ୍ଟି, ପ୍ରାକ୍ତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ପ୍ରଦୀପ ପୁରୋହିତ, ସୂର୍ଯ୍ୟ ନାରାୟଣ ଦାସ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଶିବରାମ ମହାପାତ୍ର, ଅମିତ କୁମାର ସାହୁ ଓ ମୃତ୍ୟୁଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜଳୁଛି ଖଜୁରିଆପାଲି ସଂରକ୍ଷିତ ଜଙ୍ଗଲ



ଜଙ୍ଗଲରେ ନିଆଁ ଲାଗିଛି।

**ଅମରପାଲି,୨୯।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ବନଖଣ୍ଡ ଜାଲୋଏ ବନାଞ୍ଚଳ କୋଟସମଲାଇ ଫରେଷ୍ଟ ବିଟର ଖଜୁରିଆପାଲି ସଂରକ୍ଷିତ ଜଙ୍ଗଲରେ ଲାଗିଛି ନିଆଁ। ପ୍ରାୟ ତିନି ଚାରି ଦିନ ହେଲା ଉକ୍ତ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲାଗିଥିଲେ ମଧ ଏଯାଏ ନିଆଁ ଲିଭାଯାଇ ନାହିଁ। ଫଳରେ ଜଙ୍ଗଲରେ ନିଆଁ ଲାଗି ଶାଳ, ସାଗୁଆନ, ନିମ୍ବ , ପିଆଶାଳ ଭଳି ମୂଲ୍ୟବାନ ଗଛ ଜଳିଯିବା ସହ ବନ୍ୟଜନ୍ତୁ ପୋଡି ଯାଉଥିବା ଅଭିଯୋଗ ହେଉଛି। ବନବିଭାଗ କର୍ମଚାରୀ ନିଆଁ ଲିଭାଇବା କାମରେ ଲାଗିଛନ୍ତି। ହେଲେ ଜଙ୍ଗଲରେ ନିଆଁ ଲାଗି ଥିବାରୁ ସମଗ୍ର ଅଞ୍ଚଳ ଧୂଆଁଳିଆ ପରିବେଶ ହୋଇଛି। ଲୋକେ ଅଣନିଶ୍ୱାସୀ ହୋଇପଡୁଥିବା ବେଳେ ଆଖି ଜଳୁଥିବା ଅଭିଯୋଗ ହେଉଛି। ନିଆଁ ଲାଗିଥିବାରୁ ତାପମାତ୍ରା ବୃଦ୍ଧି ପାଇ ତତଲା ପବନ ବୋହୁଛି।

### ରୋଗ ନିରାକରଣ କର୍ମଶାଳା

**ପାଇକମାଳ,୨୯।୩(ଡି.ଏନ.ଏ):** ପାଇକମାଳ ନୃସିଂହନାଥ ଆୟୁର୍ବେଦ କଲେଜ ପରିସରରେ ମଙ୍ଗଳବାର ହୋମଯଜ୍ଞ ମାଧମରେ ରୋଗ ନିରାକରଣ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ହରିଦ୍ୱାରର ସ୍ୱାମୀ ଯଜ୍ଞଦେବଜୀ, ଆଚାର୍ଯ୍ୟ ମୋହନ, ଗିରିଜା ଦେବୀ ପ୍ରମୁଖ କର୍ମଶାଳାରେ ଯୋଗ ଦେଇଥିଲେ। ଘରେ ହୋମଯଜ୍ଞ ଓ ଗାୟତ୍ରୀମନ୍ତ୍ର ଜପ କରି ଅସାଧ ରୋଗର ନିରାକରଣ କରାଯାଇପାରିବ। ହୋମରେ ସମିଧ ସହ ଜଡିବୁଟି ଔଷଧ ହବନ ସାମଗ୍ରୀ ପକାଇଲେ ରୋଗ ନିବାରଣ ହେବ ବୋଲି ସ୍ୱାମିଜୀ କହିଥିଲେ। ଏଥିରେ ନୃସିଂହନାଥ ଆୟୁର୍ବେଦ କଲେଜର ମୁଖ୍ୟ ପ୍ରସାଶକ ମନୋଜ ତ୍ରିବେଦୀ, ଅଧକ୍ଷା କ୍ଷୀରାବ୍ଧି ତନୟା ରାଉତରାୟ, ଡାକ୍ତର, ପ୍ରଫେସର ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ

**ସୋନପୁର,୨୯।୩(ନି.ପ୍ର.)**



ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ମଙ୍ଗଳବାର ନୂତନ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ଜିଲାପାଳ ଅବୋଲି ସୁନିଲ ନରୱଣେ ଉଦ୍‌ଘାଟନ କରିଥିଲେ। ଅବହେଳିତ ଓ ଅପହଞ୍ଚ ଗୋଷ୍ଠୀଙ୍କୁ ସ୍ୱାସ୍ଥ୍ୟ ଅନୁଷ୍ଠାନ ସହ ଯୋଡିବାରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପିଡି ଡିଆରଡିଏ ଡୋଳାମଣି ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜିଲା ମୁଖ୍ୟ ଡାକ୍ତରଖାନାର ମେଡିକାଲ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗରୁ, ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ବିଭୁପ୍ରସାଦ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ)ଡାକ୍ତର ମଞ୍ଜୁରାଣୀ ସିଂହ, ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ପଦ୍ମହଂସା ଦୋରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରୀମଣି ହାଁସଦା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲାରେ ପୋଲିଓ ନିରାକରଣ, ମ୍ୟାଲେରିଆ ନିୟନ୍ତ୍ରଣ ଓ କୋଭିଡ ପରିଚାଳନାରେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଭୂମିକାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଜିଲାରେ ୫୯୫ ଆଶାକର୍ମୀ ଓ ୭୮୪ ଗାଁ କଲ୍ୟାଣ ସମିତି କାର୍ଯ୍ୟରତ ଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ୩ଜଣ ଆଶାକର୍ମୀ ଶୈଳସୁତା କୁଅଁର, ଭୂମିସୁତା ତରିଆ ଓ ମଧୁମିତା ଚଣ୍ଡ, ୬ଟି ଗାଁ କଲ୍ୟାଣ ସମିତି ଖଇରମାଳ, ବହଲପଦର, ପଥରଖଣ୍ଡି, ମାଝିମୁଣ୍ଡା, ହାପ୍ରିୟବେର୍ଣ୍ଣା, ସିନ୍ଧ୍ରିଆବାହାଲକୁ ସୁସ୍ଥ ଗାଁ ଓ ୩ଟି ଗ୍ରାମ ପଞ୍ଚାୟତ ଲଛିପୁର, ବାଙ୍କିପାଲି ଓ କୋଟସମଲାଇକୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ସେହିଭଳି ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ ଯଶବନ୍ତି ହରିପାଲ, ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ ବୈଜୟନ୍ତୀ ଦଳେଇ ଓ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ସରୋଜ କୁମାର ଗାଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନଏଚଏମ ଡିପିଏମ ବିଶ୍ୱମ୍ଭର ବେହେରା, ଜିଲା ଆଶା ସଂଯୋଜକ ତରଣୀ ସେନ ପ୍ରଧାନ, ହିତେଶ ତ୍ରିପାଠୀ ଓ ପ୍ରମୋଦ ସାହୁ ସହଯୋଗ କରିଥିଲେ। ଅବିନାଶ ହୋତା ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲାର ଶତାଧିକ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତି ସଭ୍ୟ ଯୋଗ ଦେଇଥିଲେ।

# ଅଭିଯୁକ୍ତ ଶିକ୍ଷକଙ୍କୁ ୫ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ,୨୯।୩(ସ୍ୱ.ପ୍ର.)**

**ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ମାମଲା**

ଜଣେ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ବିଚାର କରି ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଆନନ୍ଦ ନାରାୟଣ ମହାରଣା ସୋମବାର ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୧୯ ମସିହା ସେପ୍ଟେମ୍ବର ୨ ତାରିଖ ଗଣେଶ ପୂଜା ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତର ଖରସଙ୍କୁଲେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଗଣେଶ ପୂଜା ସରିବା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅପରାହ୍ନରେ ଘରକୁ ଯିବା ସମୟରେ ପ୍ରଧାନଶିକ୍ଷକ ଧନଞ୍ଜୟ ପାତ୍ର ନିର୍ଦ୍ଦିଷ୍ଟ କେତେଜଣ ଛାତ୍ରୀଙ୍କୁ ଡାକି ନଡିଆ ନେଇ ପାଚକ ପାଚିକାଙ୍କୁ ଦେଇ ଦେବାକୁ କହିଥିଲେ। ଛାତ୍ରୀମାନେ ନଡିଆ ଦେବାକୁ ଯାଉଥିବା ସମୟରେ ପାତ୍ର ସେମାନଙ୍କ ମଧ୍ୟରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ କାମ ଅଛି ରହ ବୋଲି କହିଥିଲେ। ଛାତ୍ରୀ ଜଣଙ୍କ ସାରଙ୍କ କଥା ମାନି ରହିଥିଲେ। ଏହାପରେ ପ୍ରଧାନଶିକ୍ଷକ ପାତ୍ର ତାଙ୍କୁ ଅସଦାଚରଣ କରିଥିବା ନେଇ ଛାତ୍ରୀ ଜଣକ ନିଜର ସାଙ୍ଗମାନଙ୍କୁ କହିବା ସହ ଘର ଲୋକଙ୍କୁ ଜଣାଇଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ହରଭଙ୍ଗା ଥାନାରେ ଅଭିଯୋଗ ହେବା ପରେ ନଂ ୬୩/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲା ପରେ ଅଭିଯୁକ୍ତ ପ୍ରଧାନଶିକ୍ଷକ ଫେରାର ହୋଇ ଯାଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଏହି ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ (ନଂ ୧୮/୧୯(ପକ୍ସୋ) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୨୩ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ମହାରଣା ପ୍ରମାଣ ଥିବା ନେଇ ଅଭିଯୁକ୍ତ ପ୍ରଧାନଶିକ୍ଷକ ଧନଞ୍ଜୟ ପାତ୍ରଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତ। ଏହାସହ ପୀଡିତା ଛାତ୍ରୀକୁ ୧ଲକ୍ଷ ୫୦ ହଜାର ଟଙ୍କା କ୍ଷତପୂରଣ ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାକୁ ସରକାରୀ ଓକିଲ ଧୂରୀଣ କୁମାର ଦେହୁରୀ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀ ମୃତ



କ୍ଷତିପୂରଣ ଦାବିରେ କଳାପାଣି ଛକରେ ରାସ୍ତାରୋକୋ କରାଯାଇଛି।

**ବରଗଡ଼ ଅଫିସ୍,୨୯।୩**

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ବରଗଡ଼ ସହର ଉପକଣ୍ଠ କଳାପାଣି ଛକ ନିକଟ ଚାଷଜମିରେ ଛିଣ୍ଡି ପଡ଼ିଥିବା ୧୧କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ଜଣକ ହେଲେ କଳାପାଣି ଛକ ବାସିନ୍ଦା ଏସ୍. ସତରାଜୁ(୬୫)। ତାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ପୂର୍ବାହ୍ନ ୧୦ଟାରୁ କଳାପାଣି ଛକକୁ ଆସି ୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଏସ୍‌ଡ଼ିପିଓ ଦୀପକ ଗୋଚ୍ଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ, ୱେସ୍କୋର ବରଗଡ଼ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଅତାବିରା ଏସ୍‌ଡ଼ିଓ ମନ୍ମଥ ଦାଶ, ଇଂ. ଅଜୟ ମହାପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ ସହିତ ପରିବାରର ଜଣେ ଲୋକଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ଆନ୍ଦୋଳନ ହଟିଥିଲା। ସୂଚନାଯୋଗ୍ୟ, ସକାଳ ପ୍ରାୟ ସାଢ଼େ ୬ଟାରେ ଚାଷୀ ସତରାଜୁ କ୍ଷେତକୁ ଘାସ କାଟିବା ପାଇଁ ଯାଇଥିଲେ। ଯିବା ବାଟରେ ଜମି ହିଡ଼ରେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବିନିକା ଅଞ୍ଚଳରେ ବଢୁଛି ଝାଡାବାନ୍ତି

**ବିନିକା,୨୯।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ସକାଳ ୧୦ଟା ହୋଇଗଲେ ଘରୁ ବାହାରିବା କଠିନ ହେଉଛି। ପ୍ରବଳ ଗରମ ଏବଂ ଗୁଳଗୁଳି ଯୋଗୁଁ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ଗତ ୧୦ଦିନରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହେଲେଣି। ରୋଗୀମାନେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଙ୍କିଗିର୍ଡିଓ ମହାଦେବପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି। ମଙ୍ଗଳବାର ବିନିକା ଏନ୍‌ଏସି ଉଭଲା ଗାଁର ଜଣେ ମହିଳା ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମାତ୍ର ମଧ୍ୟାହ୍ନ ୧୨ଟା ଯାଏ ତାଙ୍କର ଚିକିତ୍ସା ହୋଇ ନ ଥିଲା। ସ୍ୱାସ୍ଥ୍ୟସେବା ନ ମିଳିବା ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ସିଦ୍ଧେଶ୍ୱର ନାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବିନିକା,୨୯।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବଳାରଙ୍ଗା ଗ୍ରାମ ଶିବମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବ ମନ୍ଦିର ସଭାପତି କ୍ଷେତ୍ରମୋହନ ଖମାରୀ, ସମ୍ପାଦକ ଗୋବିନ୍ଦ ବଗର୍ତ୍ତୀ, ନିରଞ୍ଜନ ବିଶି ଓ କୋଷାଧ୍ୟକ୍ଷ ନବୀନ ସାହୁ ନାମଯଜ୍ଞ ଆୟୋଜନର ସହଯୋଗ କରିଥିଲେ। ନାମଯଜ୍ଞ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ନବୋଦୟ ସ୍କୁଲରେ ପରୀକ୍ଷା ପେ ଚର୍ଚ୍ଚା

**ପାଇକମାଳ,୨୯।୩(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀ ପରୀକ୍ଷା ସମୟରେ ଭୟଭୀତ ନ ହେବାକୁ ପରାର୍ମଶ ଦେଇଥିଲେ। ଜଗଦୀଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଅନୁଷ୍ଠିତ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ଅମରପାଲି,୨୯।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ କାର୍ଯ୍ୟକ୍ରମର ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଉପଜିଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨-୨୧ ଆର୍ଥିକ ବର୍ଷରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। ଶିବିରରେ ବିଡିଓ ମୋତିଲାଲ ସୁଲିଆ, ଜିଲା ସୋସିଆଲ ଅଡିଟର ସୁବ୍ରତ ମହାକୁର, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ଜିଲା ଜଳ ବିଭାଜିକା ବିଭାଗ ଅଧିକାରୀ, ସ୍ୱେଚ୍ଛାସେବୀ କିଶୋର ହୋତା, ପ୍ରଭଞ୍ଜନ କର୍ମୀ, ରାଜ କୁମାର ମହାକୁର ଅଂଶଗ୍ରହଣ କରିଥିଲେ। ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସମିତ ମହାକୁର ସମସ୍ତ ବିବରଣୀ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା,ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ଲୁଥୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, କମିରା ସରପଞ୍ଚ ଅନୁସୟା ପଧାନ, କେନ୍ଦୁଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ବାଗବର ସରପଞ୍ଚ ନିରୂପମା ବଗର୍ତ୍ତୀ ମତ ପ୍ରଦାନ କରିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ଉକ୍ତ ଯୋଜନାରୁ ସମୁଦାୟ ୧୭କୋଟି ୫୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୁଚନା ଦିଆଯାଇଛି।

### ପଥର ବୋଝେଇ ଟ୍ରାକ୍ଟର ଜବତ, ୧୦ ହଜାର ଜରିମାନା ଆଦାୟ

**ବାଉଁଶୁଣୀ,୨୯।୩(ଡି.ଏନ.ଏ.)**

ବୌଦ୍ଧ ତହସିଲ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ଏକ ପଥର ବୋଝେଇ ଟ୍ରାକ୍ଟର ଜବତ ହୋଇଛି । ଏହି ପଥର ବେଆଇନ ଭାବେ ଚାଲାଣ ହେଉଥିଲା। ପ୍ରକାଶ ଯେ, ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରସୁଲ ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ସକାଳ ୯ଟା ସମୟରେ ପଥର ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର (ନଂ ଓଡି ୧୫ ଏଫ ୯୭୩୫ )କୁ ବାଉଁଶୁଣୀ ଛକ ନିକଟରେ ଅଟକାଇଥିଲେ। କିନ୍ତୁ ଯାଞ୍ଚ ସମୟରେ ଗାଡ଼ିରେ ପରିବହନ ହେଉଥିବା ପଥର ସମ୍ପର୍କରେ କୌଣସି ଆବଶ୍ୟକ କାଗଜପତ୍ର ନ ଥିବା ଜଣାପଡିଥିଲା। ଏହି ଘଟଣାରେ ଗାଡ଼ି ମାଲିକଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଅତିରିକ୍ତ ତହସିଲଦାର ରସୁଲ କହିଛନ୍ତି। ଏହି ଚଢାଉ ଆଗକୁ ଜାରି ରହିବ ବୋଲି ସେ କହିଛନ୍ତି। ଗତ କିଛି ଦନ ହେବ ବୌଦ୍ଧ ତହସିଲ ପକ୍ଷରୁ ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ପରିବହନ କରୁଥିବା ଯାନବାହାନ ଉପରେ ଚଢ଼ାଉ ଜାରି ରହିଛି।

# ବିଜ୍ଞାନ ପ୍ରଦର୍ଶନୀରେ ୧୭ ପ୍ରକଳ୍ପ

**ବରଗଡ଼ ଅଫିସ୍,୨୯।୩**



ସିଆରସିସି, ଚେୟାରମ୍ୟାନ ଏବଂ ପ୍ରଧାନଶିକ୍ଷକ ବିଜ୍ଞାନମେଳା ପରିଦର୍ଶନ କରୁଛନ୍ତି।

ବରଗଡ଼ ଜିଲା ଅତାବିରା ବ୍ଲକ ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ସୁରେନ୍ଦ୍ର ଭୋସାଗର ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧକ୍ଷ ଗଣନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ୧୭ ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ସେଥିମଧ୍ୟରେ ଷଷ୍ଠ ଶ୍ରେଣୀର ୧୨, ସପ୍ତମ ଶ୍ରେଣୀର ୨ ଏବଂ ଅଷ୍ଟମ ଶ୍ରେଣୀର ୩ ପ୍ରକଳ୍ପ ରହିଥିଲା। ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ସ୍ୱୟଂ ଚାଳିତ କୁଲର, ବର୍ଷା ସଂରକ୍ଷଣ, ବୁନ୍ଦା ଜଳସେଚନ, ଜଳରେ ଅଣ୍ଡା ଭାସିବ ନା ବୁଡ଼ିବ, ଭୂକମ୍ପ ମାପକ ଯନ୍ତ୍ର, ବିଦ୍ୟୁତ ଚାଳିତ ଜେନେରେଟର, ସ୍ୱୟଂ ଚାଳିତ ପେଟ୍ରୋଲ ପମ୍ପ, ପ୍ଲାଷ୍ଟିକର ପୁନଃ ବ୍ୟବହାର, ବାୟୁ ପ୍ରଦୂଷଣ ପ୍ରତିକାର, ଆଗ୍ନେୟ ଉଦ୍‌ଗୀରଣ, ଜଳ ନା ନିଆଁ ଅଧିକ ଶକ୍ତିଶାଳୀ ଆଦି ରହିଥିଲା। ପ୍ରଧାନଶିକ୍ଷକ ସନ୍ତୋଷ କୁମାର କାଲୋଙ୍କ ତତ୍ତ୍ୱାବଧାନରେ ହୋଇଥିବା ବିଜ୍ଞାନ ଶିକ୍ଷକ ପ୍ରେମାନନ୍ଦ ସାହୁ, ଶିକ୍ଷୟିତ୍ରୀ ତୃପ୍ତିମୟୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ସାହିତ୍ୟ ସଂସଦର କାବ୍ୟ ଫଗୁଣ ପାଳିତ

**ବରଗଡ଼ ଅଫିସ୍,୨୯।୩**

ବରଗଡ଼ ସାହିତ୍ୟ ସଂସଦର ଦଶମ ବାର୍ଷିକୋତ୍ସବ କାବ୍ୟ ଫଗୁଣ ରବିବାର ପାଳିତ ହୋଇଯାଇଛି। ମନୋରଞ୍ଜନ ସାହୁଙ୍କ ଆବାହକତ୍ୱ ଏବଂ ଡଃ ଅଶୋକ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଡଃ ଭଗବତୀ କର ସ୍ୱାଗତ ଭାଷଣ ଦେଇଥିଲେ। କାବ୍ୟ ଫଗୁଣର ଦଶମ ସଂସ୍କରଣକୁ ଉଦ୍‌ଘାଟନ କରି କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ ନର୍ମଦା ନୀଳୋତ୍ପଳା ସାହିତ୍ୟ ଓ ଜୀବନ ସମ୍ପର୍କରେ ଭାବଗର୍ଭକ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଆଧୁନିକ କବିତାରେ ଜନବାଦୀ ଚେତନାର ସ୍ୱର ଓ ସ୍ୱାକ୍ଷର ଶୀର୍ଷକ ଆଲୋଚନା ହୋଇଥିଲା। ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷ ପତିତପାବନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ମୋହନ ସାହୁ ସଭା ସଂଯୋଜନା କରିଥିଲେ। କବି ସରୋଜ, ଡଃ ସଞ୍ଜୟ ମିଶ୍ର, ହେମନ୍ତ ଦଳପତି ପ୍ରସଙ୍ଗ ଉପରେ ନିଜ ମନ୍ତବ୍ୟ ରଖିଥିଲେ। କାମିନୀ ଦାଶ, ଅଜିତ ପାଣିଗ୍ରାହୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ତରୁଣ ସାହିତ୍ୟ ସ୍ରଷ୍ଟା ସୁଜାତା ସାହାଣୀ, ସୁବ୍ରତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଓ ଗାଳ୍ପିକ ରୋହିତ ଦାଶଙ୍କ ସଭାପତିତ୍ୱରେ ତୃତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଡଃ ଶେଷନ ବିଶି, ଅଧ୍ୟାପିକା ସୁଷମା ଦାଶ ଏହାକୁ ସଂଯୋଜନା କରିଥିଲେ। କବି ଡଃ ଉମେଶ ମହାପାତ୍ର କବିତା ଗୁଡ଼ିକର ସମୀକ୍ଷା କରିଥିଲେ। ପଞ୍ଚାନନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନା ସମ୍ମୁଖରେ ପ୍ରତିବାଦ କଲେ ଗ୍ରାମବାସୀ

**ବିନିକା,୨୯।୩(ଡି.ଏନ୍.ଏ.)**



ବିନିକା ଥାନା ସମ୍ମୁଖରେ ବାଙ୍କିଘିର୍ଡି ଗ୍ରାମବାସୀ।

**ଗାଁ ଦାଣ୍ଡରେ ବେଆଇନ ପିଣ୍ଡା ନିର୍ମାଣକୁ ବିରୋଧ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗାଁରେ ଯାନିଯାତ୍ରା ହେଉଥିବା ଦାଣ୍ଡରେ ଜନୈକ ବ୍ୟକ୍ତି ସିମେଣ୍ଟ ପିଣ୍ଡା ନିର୍ମାଣ କରଛନ୍ତି। ଏହାକୁ ନେଇ ଗ୍ରାମରେ ବିବାଦ ଉପୁଜିଛି। ଗତ ୨୧ତାରିଖରେ ଗ୍ରାମବାସୀ ଏ ନେଇ ବିନିକା ଥାନା ବିନିକା ତହସିଲର ଦ୍ୱାରସ୍ଥ ହୋଇଥିଲେ। ଏକ ସପ୍ତାହ ବିତି ଯାଇଥିଲେ ମଧ ପୋଲିସ ଓ ରାଜସ୍ୱ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ଏହାର ପ୍ରତିବାଦ କରି ମଙ୍ଗଳବାର ଗ୍ରାମବାସୀ ବିନିକା ଥାନା ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଥିଲେ। ସେଠଣରେ ସେମାନେ ଅଭିଯୋଗ କରିଥିଲେ ଯେ, ଗ୍ରାମର ଜଣେ ବ୍ୟକ୍ତି ଯାନୀଯାତ୍ରା ଓ ପର୍ବପର୍ବାଣୀ ହେଉଥିବା ସ୍ଥାନରେ ବେଆଇନଭାବେ ସିମେଣ୍ଟ ପିଣ୍ଡି କରି ରାସ୍ତା ଅବରୋଧ କରିଛନ୍ତି। ଫଳରେ ଗାଁକୁ ୧୦୮ ଆମ୍ବୁଲାନ୍ସ ଓ ଅନ୍ୟ ଯାନବାହାନ ଆସି ପାରୁନାହିଁ । ଏଥି ସହିତ ଉକ୍ତ ରାସ୍ତା ଦେଇ ଯାଇଥିବା ଜଳଯୋଗାଣ ପାଇପ ପୋଷ୍ଟକୁ ସମ୍ପୃକ୍ତ ଭାଙ୍ଗି ଦେଇଥିବାରୁ ଗ୍ରାମବାସୀ ପାଇପ ପାଣି ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଏ ନେଇ ଅବରୋଧକାରୀଙ୍କୁ କହିଲେ ସେ ସେମାନଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବିନିକା ଥାନା ଆଇଆଇସି ପବିତ୍ର ସାହୁ ଘଟଣାସ୍ଥଳକୁ ଆସି ମାମଲାର ତଦନ୍ତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡିଥିଲେ ।

